## ■ ନିଆଳି, କଣ୍ଟାପଡ଼ାରେ ବ୍ୟାପକ କ୍ଷୟକ୍ଷତି

# ମାଟିରେ ମିଶିଲା ଚାଳ, ଆଜବେଷ୍ଟସ ଘର

■ ପାନ ଚାଷୀଙ୍କ ଅଣ୍ଟା ଭାଙ୍ଗି ଦେଇଛି ବାତ୍ୟା

■ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ଗ୍ରାମବାସୀ

**ତ୍ରିନାଥ ମହାନ୍ତି**

**ଭୁବନେଶ୍ୱର,୫।୫**

ବାତ୍ୟା 'ଫନୀ' ପୁରୀ, ଚିଲିକା, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ତା'ର ପ୍ରଳୟ ରଚିବା ସହ ଏହାର ଆଖପାଖ ଅଞ୍ଚଳରେ ମଧ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବିଶେଷକରି କଟକ ଜିଲା କଣ୍ଟାପଡା, ନିଆଳି, ଅଡଶପୁର ଓ ମଠବଜାର ଆଦି ଅଞ୍ଚଳରେ ତା'ର ତାଣ୍ଡବ ରଚିଛି। ଏହିସବୁ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇବା ସହ ବଡ ବଡ ଗଛକୁ ମଧ ଉପାଡି ଦେଇଛି। ଗ୍ରାମରେ ଥିବା ଚାଳଘର, କଚା ଘରଗୁଡିକୁ ମାଟିରେ ମିଶାଇ ଦେଇଛି। ଏପରି କି ଅନେକ ଦୋକାନକୁ ଛାରଖାର କରିବା ସହ ଉଠା କ୍ୟାବିନ୍ ଦୋକାନକୁ ଉଡାଇ ନେଇ ବହୁ ଦୂରରେ ଫିଙ୍ଗି ଦେଇଛି। ଫନୀ ସିନା ଚାଲି ଯାଇଛି ତା'ର ପାଦ ଚିହ୍ନ ଚାରିଆଡେ ଛାଡିଯାଇଛି। ଯୁଆଡେ ଦେଖିବ ଖାଲି ଉଜୁଡି ଯାଇଥିବା ଗଛ, ଭଙ୍ଗା ଦଦରା ଚାଳ ଓ ଆଜବେଷ୍ଟସ ଘର ଦେଖିବାକୁ ମିଳୁଛି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ବଙ୍କା ହୋଇ ତଳେ ପଡିଛି। ଅନ୍ୟ କେଉଁଠି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟିଠାରୁ ଅନତି ଦୂରରେ ପଡିଛି। ଫନୀ ଚାଲିଯିବା ପରେ ଅନେକ ଲୋକେ ବାତ୍ୟା ଆଶ୍ରୟସ୍ଥଳୀରୁ ଭାଙ୍ଗି ଯାଇଥିବା ଘରକୁ ସଜାଡିବାକୁ ଚାଲି ଯାଇଛନ୍ତି। ଆଉ କେତେକ ପରିବାର ଗୃହହୀନ ହୋଇ ବାତ୍ୟା ଆଶ୍ରୟସ୍ଥଳୀରେ ପଡି ରହିଛନ୍ତି। ସେଠାରେ ପ୍ରଶାସନ ପକ୍ଷରୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଉନି କି ସେମାନଙ୍କୁ ରିଲିଫ ଯୋଗା ଯାଉନାହିଁ। ଯେଉଁଠି ପଶୁ ସେଇଠି ମଣିଷ ଦିନ କାଟୁଛନ୍ତି। ସେମାନଙ୍କ ସ୍ଥାନୀୟ ସରପଞ୍ଚ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ ଆଶ୍ୱାସନ ଦେଇଥିଲେ ମଧ ତାଙ୍କର ମଧ ଦେଖାନାହିଁ। କେବଳ ସେମାନଙ୍କୁ ଛିଡା କରାଇ ରିଲିଫ ମିଳିବ ବୋଲି କହି ଫଟୋ ଉଠାଇ ନେଇଥିବା ବାତ୍ୟା ଅଶ୍ରୟସ୍ଥଳୀରେ ରହୁଥିବା ଅନେକ ଲୋକେ କହିଛନ୍ତି। ବିଶେଷ କରି ଫନୀର ପ୍ରଭାବରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ପାନ ଚାଷୀ। ସେମାନେ ହାତ କରଜ କରି ପାନ ବରଜ କରିଥିଲେ ମଧ ବାତ୍ୟା ସବୁ ଉଜାଡି ଦେଇଛି। ସେମାନଙ୍କ ନା ଅଛି ବାସସ୍ଥାନ କି ଖାଇବାକୁ ଖାଦ୍ୟ ଓ ପାନୀୟ। ସେମାନେ ପୁଣି ନିଜର ଆର୍ଥିକ ମେରୁଦଣ୍ଡ ସଳଖିବାକୁ ପାନ ବରଜକୁ ବାତ୍ୟା ପରେ ସଜାଡିବାରେ ଲାଗି ପଡିଛନ୍ତି। ବିଶେଷକରି ବାତ୍ୟାରେ ଲକ୍ଷାଧିକ ଟଙ୍କା ପାନ ବରଜ ନଷ୍ଟ ହୋଇଛି। ପବନର ପ୍ରଭାବରେ ଆଖୁ ଗଛ ମଧ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି।



ଅଡ଼ଶପୁର ଗ୍ରାମରେ ଭାଙ୍ଗିଯାଇଥିବା ଏକ ଘର।

ସେହିଭଳି ମଠବଜାରରେ ଏକାଧିକ ମାର୍କେଟ, ସ୍କୁଲ, କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର, ପାର୍କ ଆଦି ଛାରଖାର ହୋଇଯାଇଛି।

### ଲକ୍ଷାଧିକ ବଡ଼ ଗଛ ଧରାଶାୟୀ

ଫୁଲନଖରାରୁ ନିଆଳି ପର୍ଯ୍ୟନ୍ତ ରାସ୍ତା କଡରେ ପଡିଥିବା ଅନେକ ଗଛ ଧରାଶାୟୀ ହୋଇଛି। ବିଶେଷକରି ଅନେକ ଗଛ କୋଠା ଓ ଆଜବେଷ୍ଟସ ଘର ଉପରେ ପଡିଥିବା ଦେଖିବାକୁ ମିଳିଛି। ଏହିସବୁ ଗଛ ୧୫ ବର୍ଷରୁ ଉର୍ଦ୍ଧ୍ୱ ଦିନର ହେବ ବୋଲି ଗ୍ରାମବାସୀ କହିଛନ୍ତି। ଭୁବନେଶ୍ୱର ପରି ସେଠାକୁ ଓଡ୍ରାଫ ଟିମ୍ ନା ଅଗ୍ନିଶମ ବିଭାଗ କାହାରି ଦେଖାନାହିଁ। ରାସ୍ତା ଉପରେ ପଡିଥିବା ଗଛକୁ ଗ୍ରାମବାସୀ ନିଜେ କାଟି ସଫା କରିଛନ୍ତି। ଗ୍ରାମବାସୀ ଭୁବନେଶ୍ୱରବାସୀଙ୍କ ପରି ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଉପରେ ନିର୍ଭର କରି ନାହାନ୍ତି। ଏହାସହ ନିଜ ନିଜ ବାଡିରେ ପଡିଥିବା ଗଛକୁ ମଧ ସେମାନେ କାଟିସଫା କରୁଛନ୍ତି। ସମୟ ଥିଲା ଯେଉଁ ଗଛମୂଳରେ ଅମ୍ଭେମାନେ ଖେଳୁଥିଲୁ ହେଲେ ଆଜି ସେ ଉପୁଡି ପଡିଥିବାରୁ ତାକୁ କାଟି ଦୁଃଖ ଲାଗୁଥିବା କଣ୍ଟାପଡା ଗ୍ରାମର ଫକୀର ବେହେରା କହିଛନ୍ତି।



ବାତ୍ୟା କ୍ଷତିଗ୍ରସ୍ତ ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟ।

### ସ୍କୁଲ ଓ କଲେଜ ଛାରଖାର

ଫନୀ ପ୍ରଭାବରେ କଟକ ନିଆଳି, ଅଡଶପୁର, ସୁନ୍ଦରଗ୍ରାମର ଅନେକ ସ୍କୁଲ କ୍ଷତିଗ୍ରସ୍ତ ହୋଇଛି। ଯେଉଁ ସବୁ ସ୍କୁଲରେ ଆଜବେଷ୍ଟସ ପଡିଥିଲା ତାହା ଉଡିଯାଇଛି। ଆଉ କେତେକ ସ୍ଥାନରେ ସ୍କୁଲ ଉପରେ ବଡବଡ ଗଛ ପଡିବାରୁ ନଷ୍ଟ ହୋଇଯାଇଛି। ସ୍କୁଲ କ୍ୟାମ୍ପସରେ ଲାଗିଥିବା ଗଛଗୁଡିକ ଉପୁଡି ପଡିଥିବା ବେଳେ ଘରଗୁଡିକ ଭାଙ୍ଗି ଯାଇଛି। ସେହିଭଳି ସୁନ୍ଦର ଗ୍ରାମର ଉଚ୍ଚ ବିଦ୍ୟାଳୟ, ସୁନ୍ଦରଗ୍ରାମ ବାଳିକା ହାଇସ୍କୁଲ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। କେବଳ ସ୍କୁଲ ନୁହେଁ ଉଦୟନାଥ ସ୍ୱୟଂ ଚାଳିତ କଲେଜ କ୍ୟାମ୍ପସ ସମ୍ପୂର୍ଣ୍ଣ ଭାବେ ବଦଳି ଯାଇଛି। କଲେଜ ଉପରେ ସିମେଣ୍ଟରେ ହୋଇଥିବା ଏକ ପଦ୍ମଫୁଲ ଆକୃତିର କଳା ଭାଙ୍ଗି ଯାଇଥିବା ବେଳେ କେବଳ ଲୁହାଛଡ ଛିଡା ହୋଇଛି। ଏହାସହ କଲେଜ କ୍ୟାମ୍ପସରେ ହୋଇଥିବା ଆଜବେଷ୍ଟସ କ୍ଲାସ ରୁମ୍ ଭାଙ୍ଗି ଯାଇଥିବା ବେଳେ ଏକାଧିକ ନଡିଆ ଓ ବଡ ବଡ ଗଛ ଉପୁଡି ପଡିଛି।

### ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଦୋକାନୀ

ଫନୀ ପ୍ରଭାବରେ ଅନେକ ଦୋକାନ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଅଜବେଷ୍ଟସ ଦୋକାନର କାନ୍ଥ ପଡି ଯାଇଥିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଦୋକାନରେ ବାତ୍ୟା ପରେ ଅସାମାଜିକ ବ୍ୟକ୍ତିମାନେ ଲୁଟପାଟ୍ କରୁଛନ୍ତି। ଏଭଳି ମଠବଜାର ଦୋକାନରେ ପଶ୍ଚିମବଙ୍ଗର ମହମ୍ମଦ ଅନିବୁଲ ଇସ୍‌ଲାମ୍ ଏବଂ ଅନ୍ୟମାନେ ପାଷ୍ଟିକ, ହର୍କେମାଲ ଶୋ' ରୁମ୍ କରିଥିଲେ। ସେଠାରେ ସେମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ରଖିଥିଲେ। ହେଲେ ବର୍ଷା ପବନରେ ଆଜବେଷ୍ଟସ ଭାଙ୍ଗିଯିବା ସହ କାନ୍ଥ ପଡିଯାଇଥିଲା। ଫଳରେ ପାଣି ପଶି ବହୁ ସାମଗ୍ରୀ ନଷ୍ଟ ହୋଇଯିବା ସହ ଆଉ କେତେକ ପବନରେ ଉଡିଯାଇଥିଲା। ଜୀବନ ବଞ୍ଚାଇ ସେମାନେ ଅନ୍ୟତ୍ର ପଳାଇ ଯାଇଥିଲେ। ହେଲେ ବାତ୍ୟା ପରେ କେତେଜଣ ଅସାମାଜିକ ଯୁବକ ପଶି ବହୁ ସାମଗ୍ରୀ ଚୋରି କରି ନେଇଥିଲେ। ରବିବାର ସେମାନେ ଉକ୍ତ ଦୋକାନକୁ ଯାଇ ଓଦା ହୋଇଥିବା ସାମଗ୍ରୀକୁ ଶୁଖାଇ ଠିକ୍ କରିବାକୁ ଉଦ୍ୟମ କରିଥିଲେ। ବହୁ ଦୋକାନୀ ଭାଙ୍ଗି ଯାଇଥିବା ଦୋକାନକୁ ସଜାଡି ପୁଣି ବେପାର କରିବାକୁ ଉଦ୍ୟମ କରୁଛନ୍ତି।

### ବାତ୍ୟା ଆଶ୍ରୟସ୍ଥଳୀରେ ଦିଆଯାଉନି ଖାଦ୍ୟ ଓ ପାନୀୟ

ବାତ୍ୟା ଆସିବା ପୂର୍ବରୁ ପ୍ରଶାସନ ଡାକବାଜି ଯନ୍ତ୍ର ମାଧ୍ୟମରେ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏପରି କି ଅନେକ ମାଟି ଘରେ ରହୁଥିବା ଲୋକଙ୍କୁ ସ୍ଥାନୀୟ ପ୍ରଶାସନ ବାତ୍ୟା ଆଶ୍ରୟସ୍ଥଳୀକୁ ନେଇଥିଲା। ଗୋଟିଏ ଦିନ ସେମାନଙ୍କୁ ଖାଇବାକୁ ଦେବା ପରେ ଏବେ ଆଉ ଦେଖାନାହିଁ। ଅଡଶପୁର ପଞ୍ଚାୟତର ଏକାଧିକ ଲୋକଙ୍କୁ ପ୍ରଶାସନ ନେଇ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀରେ ରଖିଥିଲେ। ସେମାନଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଇ ଦେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ବାତ୍ୟା ଯିବାର ଦୁଇଦିନ ପରେ ସେମାନଙ୍କୁ ଆଉ କିଛି ମିଳିନାହିଁ। ଫଳରେ ଛୋଟଛୋଟ ପିଲାମାନେ ନ ଖାଇ ଉପାସରେ ଅଛନ୍ତି। ଏହାସହ ଦୁଇଦିନ ହେବ ପଶୁଙ୍କ ପାଇଁ ମଧ କିଛି ବ୍ୟବସ୍ଥା କରାଯାଇନାହିଁ।ଫଳରେ ପଶୁମାନେ ଉପାସ ରହିଥିବା ଗ୍ରାମବାସୀ କହିଛନ୍ତି। ପ୍ରଶାସନ ପକ୍ଷରୁ ରିଲିଫ ଯୋଗାଇ ଦିଆଯିବାକୁ କହି ସରପଞ୍ଚ ସେମାନଙ୍କ ଫଟୋ ଉଠାଇ ନେଲେ ହେଲେ ସେମାନଙ୍କୁ କିଛି ଦିଆଗଲା ନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ।




କଟକ ଯୋବ୍ରା ଅଞ୍ଚଳରେ ବିଦ୍ୟୁତ୍ ମରାମତି ଚାଲିଛି।



କଟକ ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ୍ ରିଂବନ୍ଧ ରାସ୍ତାରେ ଭାଙ୍ଗିପଡ଼ିଥିବା ବିଦ୍ୟୁତ୍ ଖୁଣ୍ଟ।



କଣ୍ଟାପଡ଼ା ବ୍ଲକ୍ ଶିଶୁଆ ଭୋଇସାହି ନିକଟ ଏକ ଘର ଉପରେ ଭାଙ୍ଗିପଡ଼ିଥିବା ଟ୍ରାନ୍ସଫର୍ମର।



କଟକ ଜିଲା ମଠବଜାରରେ ମାଟିରେ ମିଶିଯାଇଥିବା ଏକ ଦୋକାନ।

# ଚାନ୍ଦା କରି ଭୋକ ମେଣ୍ଟାଉଛନ୍ତି ଲୋକେ

**ଜ୍ୟୋତିରଞ୍ଜନ ମହାପାତ୍ର**

**ଭୁବନେଶ୍ୱର, ୫।୫**

**ବାତ୍ୟା ଆଶ୍ରୟସ୍ଥଳୀ**

ଫନୀ ପ୍ରଭାବରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି ଖୋର୍ଦ୍ଧା। ରାସ୍ତା କଡରେ ବିଦ୍ୟୁତ୍ ଖୁଣ୍ଟ, ବିରାଟ ବିରାଟ ଗଛ ଉପୁଡି ପଡିଛି। ଚାଳ, ଟିଣ ଆଜବେଷ୍ଟସ ଘର ଭାଙ୍ଗିରୁଜି ଯାଇଛି। ଅନେକ ଲୋକଙ୍କ ପକ୍କାଘର ମଧ କେତେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ସହର ଉପରେ ଜନସାଧାରଣ ପାଣି ଏବଂ ବିଦ୍ୟୁତକୁ ନେଇ ହନ୍ତସନ୍ତ ହେଉଥିବାବେଳେ ପଞ୍ଚାୟତର ସ୍ଥିତି ଆହୁରି ସଙ୍ଗିନ ରହିଛି। ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିବାରୁ ବେସାହାରା ହେବା ସହ ଖାଦ୍ୟ ପାନୀୟ ପାଇଁ ଡହଳ ବିକଳ ହେଉଛନ୍ତି। ଅନେକ ପ୍ରଶାସନିକ ଅଧକାରୀ ଏବଂ କର୍ମଚାରୀ ଦିନ ରାତି ଏକ କରି ସ୍ଥିତିକୁ ସୁଧାରିବା ନେଇ ପରିଶ୍ରମ ଚଳାଇଛନ୍ତି। ମାତ୍ର କେତେଜଣ ପ୍ରଶାସନ ଅଧିକାରୀଙ୍କ ଅବହେଳାକୁ ନେଇ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ବାହାସ୍ଫୋଟ ମାରୁଥିବା ବେଳେ ପ୍ରକୃତ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ଲୋକଙ୍କ ପାଖରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକ ଜୀବନ ବଞ୍ଚାଇବାକୁ ଯାଇ ଚାନ୍ଦା କରି ରୋଷେଇ କରି ଖାଉଥିବା ଦେଖିବାକୁ ମିଳିଛି। କିନ୍ତୁ ପ୍ରଶାସନ ଅଧିକାରୀମାନେ କହୁଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଉଛୁ। ଏହି ପରିସ୍ଥିତିରେ ଖୋର୍ଦ୍ଧା ବ୍ଲକର ପାନବରଜ, ପଲାତୋଟାପଡା, ଜରିପୁଟ, କଲ୍ୟାଣପୁର ଅଞ୍ଚଳର ଲୋକେ ୩ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଏସ୍‌ପି, ଜିଲାପାଳଙ୍କ କାର୍ଯ୍ୟାଳୟ ମଧ ରହିଛି। ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି ଛୋଟ ପିଲା ଏବଂ ବରିଷ୍ଠ ନାଗରିକମାନେ। ୩ ଦିନ ବିତିଯାଇଥିଲେ ମଧ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ ମିଳୁନାହିଁ। ନିଜ ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିବାକୁ ଜରିପାଲ ଖଣ୍ଡେ ମିଳୁନି। ମାତ୍ର ବିଡିଓ କହୁଛନ୍ତି, ଆମେ ୪୮ଟି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରତିଦିନ ୫ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଉଛୁ। ଏ ନେଇ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀଙ୍କ ସହ ସାକ୍ଷାତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

### ଆଶ୍ରୟସ୍ଥଳୀରେ ମିଳୁନି ଖାଦ୍ୟ

ବେରୁହାଁ ଗ୍ରାମର ୩୦ ପରିବାର ଘର ଫନୀରେ ନଷ୍ଟ କରି ଦେଇଛି। ସ୍କୁଲ ବାତ୍ୟା ଆଶ୍ରୟସ୍ଥଳୀରେ ସେମାନଙ୍କର ଏକମାତ୍ର ସାହା ଭରସା। ସରକାର ଲୋକମାନଙ୍କ ପାଇଁ ସେଠାରେ ରନ୍ଧା ଖାଦ୍ୟ ପାନୀୟ ଏବଂ ରହିବା ବ୍ୟବସ୍ଥା କରିଥିଲେ। ମାତ୍ର ଉକ୍ତ ଗ୍ରାମର ୩ ନଂ. ୱାର୍ଡ ମେମ୍ବର ଶରତ ନାୟକ ଏବଂ ଅନ୍ୟ ଗ୍ରାମବାସୀ କହିଛନ୍ତି, ୪ ଦିନ ହେଲା ଆମେ ଏଠାରେ ୧୦୦ରୁ ଅଧିକ ଲୋକ ଅସୁବିଧାରେ ରହୁଛୁ। ବତ୍ୟା ପୂର୍ବଦିନ କହିଲେ ଗ୍ରାମ ଛାଡି ଚାଲିଆସ ସମସ୍ତ ସୁବିଧା ରହିଛି। ପ୍ରଥମ ଦିନ ୨୫ କେଜି ଚାଉଳ ,ଦୁଇ କିଲୋ ଡାଲି ଏବଂ ଆଳୁ ବାଇଗଣ ୪ କିଲୋ ଦେଇ ଚାଲିଗଲେ। ମିଳିଥିବା ଖାଦ୍ୟ ବାତ୍ୟା ରାତିରେ ସରିଗଲା। ଛୋଟ ପିଲାମାନଙ୍କୁ ଖାଦ୍ୟ ଦେଇ ରାତିରେ ମହିଳାପୁରୁଷ ଉପାସ ରହିଥିଲେ। ପରଦିନଠାରୁ ଆମେ ଚାନ୍ଦା କରି ରୋଷଇ କରି ଖାଉଛୁ। ତା'ପରଠାରୁ ସରପଞ୍ଚ କିମ୍ବା ଅଧିକାରୀମାନଙ୍କ ଦେଖା ମିଳୁନି। ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କଲୁ ମାତ୍ର କିଛି ସୁଫଳ ମିଳିଲା ନାହିଁ। ଘର ଦ୍ୱାର ଭାଙ୍ଗି ଯାଇଥିବା ବେଳେ ପାଲ ଖଣ୍ଡେ ମଧ ମିଳିନାହିଁ। ଫଳରେ ଘରକୁ ନ ଫେରି ପାରି ବହୁ ସମସ୍ୟାରେ ଘାଣ୍ଟି ହେଉଛୁ।



ବେରୁହାଁ ବାତ୍ୟା ଆଶ୍ରୟସ୍ଥଳୀ।

### ୩ଦିନ ବିତିଲା, ମିଳିଲାନି ପଲିଥିନ

ଖୋର୍ଦ୍ଧା ବ୍ଲକର ବହୁ ଗାଁର ଘର ଦ୍ୱାରା ଭାଙ୍ଗି ଛାର୍‌ଖାର ହୋଇଯାଇଛି। ହେଲେ ମୁଣ୍ଡ ଗୁଞ୍ଜିବାକୁ ସେମାନଙ୍କୁ ପଲିଥିନ ଖଣ୍ଡେ ପ୍ରଶାସନ ପକ୍ଷରୁ ଏଯାବତ୍ ଦିଆଯାଇନାହିଁ। ବ୍ଲକର ପାନବରଜ ଗ୍ରାମର ଶତାଧିକ ଘର ଭାଙ୍ଗି ଛାର୍‌ଖାର ହୋଇଛି। ମାତ୍ର ପାଲ ଖଣ୍ଡେ ଘରେ ପକାଇବାକୁ ୩ ଦିନ ଧରି ଗ୍ରାମର ଉଲ୍ଲାସ ସେଠୀ ବ୍ଲକ ଅଫିସକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ତହସିଲଦାର ଏବଂ ଆରଆଇଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ତାଲିକାରେ ଆସିବ ସେମାନଙ୍କୁ ଜରି ପାଲ ଦିଆଯିବ। ଏହା ସରକାରଙ୍କ ନିର୍ଦ୍ଦେଶ ଆମେ କିଛି କରିପାରିବୁ ନାହିଁ ବୋଲି ବିଡିଓ ଦୁଃଖ ଏବଂ କ୍ଷୋଭର ସହ ଗଣମାଧମକୁ ଜଣାଇଥିଲେ। ବର୍ଷା ପରେ ଟାଣ ଖରା ଆରମ୍ଭ ହୋଇଛି। ଘରେ ମୁଣ୍ଡ ଗୁଞ୍ଜିବାକୁ ଉପରେ ଚାଳ କି ଟିଣ ଛପର ନାହିଁ। କେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ଏହାକୁ କ'ଣ ଅଧିକାରୀମାନେ ଦେଖି କି ଜାଣିପାରୁନାହାନ୍ତି।



### କିଛି ଲୋକ ଏମିତି କୁହନ୍ତି

ବାତ୍ୟା ପୂର୍ବଦିନଠାରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଛି। ସରକାରୀ ନିୟମ ଅନୁଯାୟୀ ଯେତିକି ମାତ୍ରାର ଖାଦ୍ୟ ଦେବାର ବନ୍ଦୋବସ୍ତ ରହିଛି, ସେହି ମାତ୍ରାର ଖାଦ୍ୟ ଲୋକମାନଙ୍କୁ ଦିଆଯାଇଛି। କିଛି ଲୋକ ଥାନ୍ତି ଏପରି ମିଥ୍ୟା ଅଭିଯୋଗ ଆଣିଥାନ୍ତି। କିନ୍ତୁ ଯେଉଁସ୍ଥାନରେ ଉଚିତ ପରିମାଣର ଖାଦ୍ୟ ନ ପହଞ୍ଚିଛି ସେ ନେଇ ଅଭିଯୋଗ ହେଉଛି ତାହାର ତଦନ୍ତ ହେବ। ଏଥିସହ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି। ଆକଳନ ଅନୁସାରେ ଯାହାର ନାମ ଆସିବ ସେମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ଉଚିତ ସମୟରେ ଲୋକ ପଲିଥିନ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖୁବ୍‌ଶୀଘ୍ର ଲୋକମାନଙ୍କୁ ପଲିଥିନ ଯୋଗାଇଦେବାକୁ ଚେଷ୍ଟା ଚଳାଇଛୁ ବୋଲି ବିଡିଓ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

# ମହାବାତ୍ୟାଠାରୁ ଭୟଙ୍କର ଫନୀ

***୧୯୯୯ରେ ଦେଖା ଦେଇଥିବା ପ୍ରଳୟଙ୍କରୀ ମହାବାତ୍ୟାଠାରୁ ସାମୁଦ୍ରିକ ଝଡ ଫନୀ ଖୋର୍ଦ୍ଧା ଜିଲା ପାଇଁ ଭୟଙ୍କର ଥିଲା। ୭ ଘଣ୍ଟାର ତାଣ୍ଡବ ଖୋର୍ଦ୍ଧା ଜିଲା ପାଇଁ ଡାକି ଆଣିଛି ବିପର୍ଯ୍ୟୟ। ଯାହାକି ଭୁବନେଶ୍ୱର, ଖୋର୍ଦ୍ଧ, ଜଟଣୀ ପରି ଜିଲାର ବିଭିନ୍ନ ବ୍ଲକ ଓ ସହରାଞ୍ଚଳକୁ ୫୦ବର୍ଷ ତଳକୁ ଫେରାଇ ଆଣିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। କେତେଜଣ ଲୋକ ଅଙ୍ଗେନିଭା କଥାକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।***

**ଖୋର୍ଦ୍ଧା ଅଫିସ, ୫।୫**



" ୧୯୯୯ ମହାବାତ୍ୟାର ମହାବିଭୀଷିକା ଓ ୨୦୧୨ ଫାଇଲିନ୍‌ର ଭୟାବହ ଅନୁଭୂତି ଲୋକଙ୍କ ମନରୁ ଲିଭି ନ ଥିବାବେଳେ ବିଗତଦିନର ଦାଗକୁ ଫନୀ ସତେଜ କରିଛି। ହେଲେ ଉପରୋକ୍ତ ବାତ୍ୟା କ୍ଷତି କରିଥିଲେ ହେଁ ଫନୀର ପ୍ରକୋପ ଖୋର୍ଦ୍ଧା ଜିଲା ପାଇଁ ଡାକି ଆଣିଛିମହାବିପତ୍ତି। ଜିଲା ସଦର ମହକୁମା ଖୋର୍ଦ୍ଧା ସମେତ ଜଟଣୀ ଓ ଭୁବନେଶ୍ୱର ସହରାଞ୍ଚଳ ସମେତ ଜିଲାର ଅନ୍ୟ ବ୍ଲକ ଅଞ୍ଚଳ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି। ପବନର ବେଗ ଏତେ ଥିଲା ଯେ ବିଭିନ୍ନ ଦୋକାନର ଆଜବେଷ୍ଟସକୁ ଆଣି ବାଡିପଟେ ପକାଇଥିଲା।

**ବାସୁଦେବ ଦୋରା, ତଳସାହି, ଖୋର୍ଦ୍ଧା**



" ୨୦ ବର୍ଷ ତଳର ମହାବାତ୍ୟାରେ ଖୋର୍ଦ୍ଧାକୁ ୮୦ରୁ ୧୦୦ କିମି ମଧ୍ୟରେ ପବନ ବହିଥିଲା। ହେଲେ ଫନୀ ବାତ୍ୟାରେ ୧୪୦ରୁ ୧୬୦ କିମି ପବନ ବହିଛି। ବାତ୍ୟାରେ ପବନ ଓ ବର୍ଷା ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ସାଢ଼େ ୩ଟା ପର୍ଯ୍ୟନ୍ତ ଲାଗି ରହିଥିଲା। ପବନ ଦକ୍ଷିଣ ଦିଗରୁ ଆରମ୍ଭ ହୋଇ ପୂର୍ବକୁ, ପୂର୍ବରୁ ଉତ୍ତର, ଉତ୍ତରରୁ ପଶ୍ଚିମକୁ ଚକ୍ରାକାରରେ ହୋଇଥିଲା। ଯାହାଦ୍ୱାରା କ୍ଷତି ବଢ଼ାଇଲା। ତେବେ ମଝିରେ ପବନର ସ୍ରୋତ ବନ୍ଦ ରହିବା କ୍ଷତିର ପରିମାଣକୁ କମ କରିଥିଲେ ହେଁ କ୍ଷତି ଅବର୍ଣ୍ଣନୀୟ।

**ବିମଳ ଷଡ଼ଙ୍ଗୀ,**
**କାମନାବର ସାହି, ଖୋର୍ଦ୍ଧା**



" ବାତ୍ୟା ଫନୀ ଗୋଟିଏ ଦିନରେ ୭ ଘଣ୍ଟା ପାଇଁ ହୋଇଥିବାବେଳେ ୧୯୯୯ର ମହାବାତ୍ୟା ୨ ଦିନ ପାଇଁ ହୋଇଥିଲା। ତେବେ ଫନୀର ତାଣ୍ଡବ ଛାରଖାର ଓ ଅନ୍ଧକାର ସୃଷ୍ଟି କରି ଖୋର୍ଦ୍ଧାର ଦୁର୍ଦ୍ଦଶା ବଢ଼ାଇଛି। ଗାଁଠାରୁ ସହର ସବୁଠାରେ ଲାଗି ରହିଛି ଶ୍ମଶାନର ନୀରବତା। ଏଭଳିସ୍ଥଳେ ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଲୋକମାନେ ପ୍ରଶାସନକୁ ସହଯୋଗ କରି ବାତ୍ୟାର ପରବର୍ତ୍ତୀ ସ୍ଥିତିକୁ ମୁକାବିଲା କରି ପୁଣି ଖୋର୍ଦ୍ଧାର ପୂର୍ବ ସ୍ଥିତିକୁ ଫେରାଇ ଆଣିବାକୁ ଚେଷ୍ଟା କରିବା ଉଚିତ।

**ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗଡଖୋର୍ଦ୍ଧା**



" ଫନୀର କରାଳ ରୂପ ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ସମେତ ଖୋର୍ଦ୍ଧା ଜିଲାକୁ କେଇ ଘଣ୍ଟା ମଧ୍ୟରେ ଛାରଖାର କରି ଦେଇଛି। ଖରାଦିନରେ ବାତ୍ୟା ଲୋକଙ୍କୁ ଅଧିକ କଷ୍ଟ ଦେଇଛି। ଫନୀ ଚାଲିଯିବା ପରେ ଚାରିଆଡେ ଅଭାବର ଦୃଶ୍ୟ। ପେଟପୂରା ଖାଇବା ପାଇଁ ଖାଦ୍ୟ ମିଳୁ ନ ଥିବାବେଳେ ପିଇବା, ଗାଧୋଇବା, ଶୌଚ ଓ ଲୁଗା ସଫା କରିବାକୁ ପାଣି ମିଳୁନି। ୩ ଦିନର କଷ୍ଟ ୩ ବର୍ଷ ପରି ଲାଗିଲାଣି। ଏଭଳି ଦୃଶ୍ୟ ଖୋର୍ଦ୍ଧାରେ ୧୯୯୯ ମହାବାତ୍ୟାରେ ନ ଥିଲା।

**ଗୋବିନ୍ଦ ପ୍ରଧାନ, ଗଡଖୋର୍ଦ୍ଧା**



" ୧୯୯୯ର ମହାବାତ୍ୟା ୨ ଦିନରେ ଯାହା କରି ପାରି ନ ଥିଲା ଫନୀ ମାତ୍ର ୭ ଘଣ୍ଟାରେ କ୍ଷୟକ୍ଷତିକୁ ବଢ଼ାଇ ବଦଳାଇ ଦେଇଛି ଖୋର୍ଦ୍ଧାର ଚିତ୍ର। ବାତ୍ୟା ପରେ ବଞ୍ଚିବାକୁ ଲୋକେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଛି। ମୁଖ୍ୟତଃ ବିଦ୍ୟୁତ୍ କଟି ଯାଇଥିବାରୁ ସବୁ ସେବାକୁ ବିପର୍ଯ୍ୟସ୍ତ କରି ପକାଇଛି। ଲୋକେ ପିଇବାକୁ ପାଣି ପାଉନାହାନ୍ତି। ଧୀରେ ଧୀରେ ଯଦିଓ ସ୍ଥିତିରେ ପରିବର୍ତ୍ତନ ଘଟୁଛି ତେବେ ହଜାର ହଜାର ଗଛ ଭାଙ୍ଗି ଯିବା ଓ ଉପୁଡିବା ଖୋର୍ଦ୍ଧାର ସବୁଜିମା ପ୍ରତି ବିପଦ ସୃଷ୍ଟି କରିଛି।

**ଦିଲୀପ କୁମାର ହୋତା, ଖୋର୍ଦ୍ଧା**

# ଚାନ୍ଦା କରି ଭୋକ ମେଣ୍ଟାଉଛନ୍ତି ଲୋକେ

**ଭୁବନେଶ୍ୱର, ୫।୫(ବ୍ୟୁରୋ)**

ଫନୀ ପ୍ରଭାବରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି ଖୋର୍ଦ୍ଧା। ରାସ୍ତା କଡରେ ବିଦ୍ୟୁତ୍ ଖୁଣ୍ଟ, ବିରାଟ ବିରାଟ ଗଛ ଉପୁଡି ପଡିଛି। ଚାଳ, ଟିଣ ଆଜବେଷ୍ଟସ ଘର ଭାଙ୍ଗିରୁଜି ଯାଇଛି। ଅନେକ ଲୋକଙ୍କ ପକ୍କାଘର ମଧ୍ୟ କେତେକାଂଶରେ କ୍ଷତିଗ୍ରସ୍ତ ହୋଇଛି। ସହର ଉପରେ ଜନସାଧାରଣ ପାଣି ଏବଂ ବିଦ୍ୟୁତକୁ ନେଇ ହନ୍ତସନ୍ତ ହେଉଥିବାବେଳେ ପଞ୍ଚାୟତର ସ୍ଥିତି ଆହୁରି ସଙ୍ଗିନ ରହିଛି। ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିବାରୁ ବେସାହାରା ହେବା ସହ ଖାଦ୍ୟ ପାନୀୟ ପାଇଁ ଡହଳ ବିକଳ ହେଉଛନ୍ତି। ଅନେକ ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ଦିନ ରାତି ଏକ କରି ସ୍ଥିତିକୁ ସୁଧାରିବା ନେଇ ପରିଶ୍ରମ ଚଳାଇଛନ୍ତି। ମାତ୍ର କେତେଜଣ ପ୍ରଶାସନ ଅଧିକାରୀଙ୍କ ଅବହେଳାକୁ ନେଇ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ବାହାସ୍ଫୋଟ ମାରୁଥିବା ବେଳେ ପ୍ରକୃତ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳୁଛି। ଲୋକଙ୍କ ପାଖରେ ମୌଳିକ ଆବଶ୍ୟକତା ପହଞ୍ଚି ପାରିନାହିଁ। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକ ଜୀବନ ବଞ୍ଚାଇବାକୁ ଯାଇ ଚାନ୍ଦା କରି ରୋଷେଇ କରି ଖାଉଥିବା ଦେଖିବାକୁ ମିଳିଛି। କିନ୍ତୁ ପ୍ରଶାସନ ଅଧିକାରୀମାନେ କହୁଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଉଛୁ। ଏହି ପରିସ୍ଥିତିରେ ଖୋର୍ଦ୍ଧା ବ୍ଲକର ପାନବରଜ, ପଲାତୋଟାପଡା, ଜରିପୁଟ, କଲ୍ୟାଣପୁର ଅଞ୍ଚଳର ଲୋକେ ୩ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଥିବା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଏସ୍‌ପି, ଜିଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ସବୁଠାରୁ ଅଧିକ ସମସ୍ୟାରେ ପଡୁଛନ୍ତି ଛୋଟ ପିଲା ଏବଂ ବରିଷ୍ଠ ନାଗରିକମାନେ। ୩ ଦିନ ବିତିଯାଇଥିଲେ ମଧ୍ୟ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ ମିଳୁନାହିଁ। ନିଜ ଚାଳ ଛପର ଘରେ ମୁଣ୍ଡ ଗୁଞ୍ଜିବାକୁ ଜରିପାଲ ଖଣ୍ଡେ ମିଳୁନି। ମାତ୍ର ବିଡିଓ କହୁଛନ୍ତି, ଆମେ ୪୮ଟି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରତିଦିନ ୫ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଉଛୁ। ଏ ନେଇ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମବାସୀଙ୍କଠାରୁ ଆରମ୍ଭ କରି ପ୍ରଶାସନ ଅଧିକାରୀଙ୍କ ସହ ସାକ୍ଷାତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

**ବାତ୍ୟା ଆଶ୍ରୟସ୍ଥଳୀ**



ଖୋର୍ଦ୍ଧା ବାତ୍ୟା ଆଶ୍ରୟସ୍ଥଳୀରେ ଥିବା ଲୋକମାନେ।

## ଆଶ୍ରୟସ୍ଥଳୀରେ ମିଳୁନି ଖାଦ୍ୟ

ବେରୁହାଁ ଗ୍ରାମର ୩୦ ପରିବାର ଘର ଫନୀରେ ନଷ୍ଟ କରି ଦେଇଛି। ସ୍କୁଲ ବାତ୍ୟା ଆଶ୍ରୟସ୍ଥଳୀରେ ସେମାନଙ୍କର ଏକମାତ୍ର ସାହା ଭରସା। ସରକାର ଲୋକମାନଙ୍କ ପାଇଁ ସେଠାରେ ରନ୍ଧା ଖାଦ୍ୟ ପାନୀୟ ଏବଂ ରହିବା ବ୍ୟବସ୍ଥା କରିଥିଲେ। ମାତ୍ର ଉକ୍ତ ଗ୍ରାମର ୩ ନଂ. ୱାର୍ଡ ମେମ୍ବର ଶରତ ନାୟକ ଏବଂ ଅନ୍ୟ ଗ୍ରାମବାସୀ କହିଛନ୍ତି, ୪ ଦିନ ହେଲା ଆମେ ଏଠାରେ ୧୦୦ରୁ ଅଧିକ ଲୋକ ଅସୁବିଧାରେ ରହୁଛୁ। ବତ୍ୟା ପୂର୍ବଦିନ କହିଲେ ଗ୍ରାମ ଛାଡି ଚାଲିଆସ ସମସ୍ତ ସୁବିଧା ରହିଛି। ପ୍ରଥମ ଦିନ ୨୫ କେଜି ଚାଉଳ ,ଦୁଇ କିଲୋ ଡାଲି ଏବଂ ଆଳୁ ବାଇଗଣ ୪ କିଲୋ ଦେଇ ଚାଲିଗଲେ। ମିଳିଥିବା ଖାଦ୍ୟ ବାତ୍ୟା ରାତିରେ ସରିଗଲା। ଛୋଟ ପିଲାମାନଙ୍କୁ ଖାଦ୍ୟ ଦେଇ ରାତିରେ ମହିଳାପୁରୁଷ ଉପାସ ରହିଥିଲେ। ପରଦିନଠାରୁ ଆମେ ୧୦ଟଙ୍କା ଲେଖାଏ ଚାନ୍ଦା କରି ରୋଷେଇ କରି ଖାଉଛୁ। ତା'ପରଠାରୁ ସରପଞ୍ଚ କିମ୍ବା ଅଧିକାରୀମାନଙ୍କ ଦେଖା ମିଳୁନି। ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କଲୁ ମାତ୍ର କିଛି ସୁଫଳ ମିଳିଲା ନାହିଁ। ଘର ଦ୍ୱାର ଭାଙ୍ଗି ଯାଇଥିବା ବେଳେ ପାଲ ଖଣ୍ଡେ ମଧ୍ୟ ମିଳିନାହିଁ। ଫଳରେ ଘରକୁ ନ ଫେରି ପାରି ବହୁ ସମସ୍ୟାରେ ଘାଣ୍ଟି ହେଉଛୁ।

## ନେତା-ସରକାରୀ ଅଧିକାରୀଙ୍କ ସଲା ସୁତୁରା

ଖୋର୍ଦ୍ଧା ବ୍ଲକର ୧୨ ନଂ. ୱାର୍ଡମେମ୍ବର କହିଛନ୍ତି, ବାତ୍ୟା ପୂର୍ବଦିନରୁ ଏକ ୧୦ ଚକିଆ ଟ୍ରକରେ ପଲିଥିନ ଆସି କାହା ପାଇଁ ଅଫିସ୍‌ରେ ଥାକ ମରା ହୋଇରହିଛି। ଲୋକଙ୍କ ସମସ୍ୟା ନେଇ ବାରମ୍ବାର ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ନିରାଶ ହୋଇ ଫେରୁଛୁ। ଏ ନେଇ ଗ୍ରାମବାସୀ ପ୍ରତିବାଦ କରିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଦିନ ଗଡି ଜୀବନ ଚାଲିଗଲା ପରେ କ'ଣ ପଲିଥିନ ଖଣ୍ଡେ ମିଳିବ ବୋଲି ବହୁ ଲୋକ କହିଥିଲେ। ଅନ୍ୟପକ୍ଷେ ରାତି ଅନ୍ଧାରରେ ସାପ ଭୟ ସାଙ୍ଗକୁ ଦିନରେ ଖରାର ପ୍ରକୋପ ଅସହ୍ୟ ହେଉଛି। ଲୋକେ ଅସହ୍ୟ ଗରମରେ ଆଉଟପାଉଟ ହୋଇପଡୁଛନ୍ତି। ପଲିଥିନ ମହଜୁଦ ଥାଇ ବିପନ୍ନଙ୍କୁ ନ ଦେବା ପ୍ରଶାସନିକ ଅଧିକରୀ ଓ କୁଜି ନେତାଙ୍କ ମଧ୍ୟରେ ସଲାସୁତୁରାକୁ ସ୍ପଷ୍ଟ କରି ଦେଇଛି। ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦିଆଯାଇ ତାଙ୍କ ପ୍ରତି ଅବହେଳା କରାଯାଉଛି। ଏହାକୁ ହରିଲୁଟ୍ ଉଦ୍ୟମ କରାଯିବାକୁ ଚେଷ୍ଟା ମଧ୍ୟ ଚାଲିଛି।

## ଉଜୁଡି ଗଲା କାଜୁ ବଗିଚା

ଖୋର୍ଦ୍ଧାରେ ହଜାରରୁ ଉର୍ଦ୍ଧ୍ୱ ଏକରର କାଜୁ ବଗିଚା ନଷ୍ଟ ହୋଇଛି। ନିଲାମକାରୀମାନେ କୋଟି କୋଟି ଟଙ୍କା ଦେଇ ନିଲାମ ନେଇଥିବା ବେଳେ ସମସ୍ତ କାଜୁ ବଗିଜା ଫନୀ ପ୍ରଭାବରେ ଛାର୍‌ଖାର ହୋଇଯାଇଛି। କାଜୁ ବଗିଜାରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଆଦିବାସୀମାନଙ୍କ ଅର୍ଥ ଉପାର୍ଜନର ବାଟ ବନ୍ଦ ହୋଇଯାଇଛି। ଏ ନେଇ ସରକାର ସହଯୋଗ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଆଦିବାସୀମାନେ କହିଛନ୍ତି।

## ପାନୀୟ ଜଳ, ବିଦ୍ୟୁତ୍ ଏବେ ପ୍ରମୁଖ ସମସ୍ୟା

ପାନୀୟ ଜଳ ଓ ବିଦ୍ୟୁତ ପାଇଁ ସବୁଆଡେ ଏବେ ହାହାକାର ପଡିଛି। ସକାଳୁ ଖୋର୍ଦ୍ଧା ମୁଖ୍ୟ ହସ୍ପିଟାଲରେ ବିଦ୍ୟୁତ୍ ସଂଯୋଗ ହୋଇଥିବାବେଳେ ବହୁ ବେସରକାରୀ ହସ୍ପିଟାଲରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ୍ ନ ଥିବାରୁ ଲୋକେ ମୋଟର ଯୋଗେ ପାଣି ନ ଉଠାଇ ପାରି ହନ୍ତସନ୍ତ ହେଉଛନ୍ତି। ଏବେ ଲୋକଙ୍କ ସାହା ଭରସା ପାଲଟିଛି କୂଅ। ଅନେକ କୂଅକୁ ଲୋକେ ପୁଣି ଥରେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ହେଲେ କୂଅକୁ ସଫେଇ ଲାଗି ବ୍ଲିଚିଂ ପାଉଡର ଲୋକେ ପାଉ ନ ଥିବା ସମିତିସଭ୍ୟ ସୌମ୍ୟରଞ୍ଜନ ମହାପାତ୍ର କହିଛନ୍ତି।

## କିଛି ଲୋକ ଏମିତି କୁହନ୍ତି

ବାତ୍ୟା ପୂର୍ବଦିନଠାରୁ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ନିଆଯାଇଛି। ସରକାରୀ ନିୟମ ଅନୁଯାୟୀ ଯେତିକି ମାତ୍ରାର ଖାଦ୍ୟ ଦେବାର ବନ୍ଦୋବସ୍ତ ରହିଛି, ସେହି ମାତ୍ରାର ଖାଦ୍ୟ ଲୋକମାନଙ୍କୁ ଦିଆଯାଉଛି। କିଛି ଲୋକ ଥାନ୍ତି ଏପରି ମିଥ୍ୟା ଅଭିଯୋଗ ଆଣିଥାନ୍ତି। କିନ୍ତୁ ଯେଉଁସ୍ଥାନରେ ଉଚିତ ପରିମାଣର ଖାଦ୍ୟ ନ ପହଞ୍ଚିଛି ସେ ନେଇ ଅଭିଯୋଗ ହେଉଛି ତାହାର ତଦନ୍ତ ହେବ। ଏଥିସହ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ କ୍ଷୟକ୍ଷତିର ଆକଳନ କରାଯାଉଛି। ଆକଳନ ଅନୁସାରେ ଯାହାର ନାମ ଆସିବ ସେମାନଙ୍କୁ ପଲିଥିନ ଯୋଗାଇ ଦେବାକୁ ନିର୍ଦ୍ଦେଶ ରହିଛି। ଉଚିତ ସମୟରେ ଲୋକ ପଲିଥିନ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଖୁବ୍‌ଶୀଘ୍ର ଲୋକମାନଙ୍କୁ ପଲିଥିନ ଯୋଗାଇଦେବାକୁ ଚେଷ୍ଟା ଚଳାଇଛୁ ବୋଲି ବିଡିଓ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

***ରିପୋର୍ଟ: ଜ୍ୟୋତିରଞ୍ଜନ ମହାପାତ୍ର***

## ୩ଦିନ ବିତିଲା, ମିଳିଲାନି ପଲିଥିନ



ଖୋର୍ଦ୍ଧା ବ୍ଲକର ବହୁ ଗାଁର ଘର ଦ୍ୱାରା ଭାଙ୍ଗି ଛାର୍‌ଖାର ହୋଇଯାଇଛି। ହେଲେ ମୁଣ୍ଡ ଗୁଞ୍ଜିବାକୁ ସେମାନଙ୍କୁ ପଲିଥିନ ଖଣ୍ଡେ ପ୍ରଶାସନ ପକ୍ଷରୁ ଏଯାବତ୍ ଦିଆଯାଇନାହିଁ। ବ୍ଲକର ପାନବରଜ ଗ୍ରାମର ଶତାଧିକ ଘର ଭାଙ୍ଗି ଛାର୍‌ଖାର ହୋଇଛି। ମାତ୍ର ପାଲ ଖଣ୍ଡେ ଘରେ ପକାଇବାକୁ ୩ ଦିନ ଧରି ଗ୍ରାମର ଉଲ୍ଲାସ ସେଠୀ ବ୍ଲକ ଅଫିସକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ତହସିଲଦାର ଏବଂ ଆରଆଇଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି। ଯେଉଁମାନଙ୍କ ଘର କ୍ଷତିଗ୍ରସ୍ତ ତାଲିକାରେ ଆସିବ ସେମାନଙ୍କୁ ଜରି ପାଲ ଦିଆଯିବ। ଏହା ସରକାରଙ୍କ ନିର୍ଦ୍ଦେଶ ଆମେ କିଛି କରିପାରିବୁ ନାହିଁ ବୋଲି ବିଡିଓ ଦୁଃଖ ଏବଂ କ୍ଷୋଭର ସହ ଗଣମାଧ୍ୟମକୁ ଜଣାଇଥିଲେ। ବର୍ଷା ପରେ ଟାଣ ଖରା ଆରମ୍ଭ ହୋଇଛି। ଘରେ ମୁଣ୍ଡ ଗୁଞ୍ଜିବାକୁ ଉପରେ ଚାଳ କି ଟିଣ ଛପର ନାହିଁ। କେଉଁମାନେ କ୍ଷତିଗ୍ରସ୍ତ ହୋଇଛନ୍ତି, ଏହାକୁ କ'ଣ ଅଧିକାରୀମାନେ ଦେଖି କି ଜାଣିପାରୁନାହାନ୍ତି।

# ବିପନ୍ନଙ୍କ ପାଖରେ ପହଞ୍ଚି ପାରିଲାନି ପ୍ରଶାସନ

**ଖୋର୍ଦ୍ଧା ଅଫିସ, ୫।୫**

ସାମୁଦ୍ରିକ ଝଡ ଫନୀ ୭ ଘଣ୍ଟା ପାଇଁ ଆସି ଖୋର୍ଦ୍ଧା ଜିଲାରେ ଧ୍ୱଂସ କରି ଚାଲିଗଲା। ପ୍ରଭାବରେ ଭାଙ୍ଗି ପଡିଲା ଓ ଉପୁଡି ଗଲା ବଡ ଛୋଟ ଗଛ, ବିଦ୍ୟୁତ୍ ଖଣ୍ଟ। ଟାଇଲ, ଆଜବେଷ୍ଟସ୍, ଚାଳ ଘରର ଛପର ଉଡିଯିବା ସହ ଘର ମଧ୍ୟ ଭାଙ୍ଗି ଦେଲା। ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟୁତ୍ ସେବା ବ୍ୟାହତ ଓ ପାନୀୟ ଜଳ ନ ମିଳିବା ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି। ତେବେ ଫନୀ ଚାଲିଯିବାର ୭୨ ଘଣ୍ଟା ପରେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ପ୍ରଶାସନ। ପ୍ୟାକେଟ୍ ଦୁଗ୍ଧ ଓ ଗାଈକ୍ଷୀର ମିଳୁ ନ ଥିବାରୁ ପିଲାଙ୍କଠାରୁ ବୟସ୍କଙ୍କ ଯାଏ ହଇରାଣ ହେଉଛନ୍ତି। ବିପନ୍ନମାନେ ଭାଗ୍ୟକୁ ଆଦରି ଗୁଳଗୁଳିରେ ଆଖିରୁ ଲୁହ ଗଡାଇ ଜୀବନ ବିତାଉଛନ୍ତି ।

## ହୋଟେଲ, ଆହାର କେନ୍ଦ୍ର ବନ୍ଦ

ଫନୀର ପ୍ରଭାବରେ ଅଧିକାଂଶ ହୋଟେଲ ଭାଙ୍ଗି ଯାଇଛି। ମରାମତି ହୋଇ ନ ଥିବାରୁ ହୋଟେଲ ଖୋଲି ପାରୁନାହିଁ। ଯେଉଁ ହାତଗଣତି କିଛି ହୋଟେଲ, ଢ଼ାବା ଖୋଲୁଛି ତାହା ଅଭାବ ପୂରଣ କରିପାରୁନି। ଲୋକ ରାତି ୯ଟାରେ ଆସି ଫେରିଯିବାକୁ ପଡୁଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାରକେନ୍ଦ୍ର ବନ୍ଦ ଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟ ଖାଇବାକୁ ହଇରାଣ ହେଉଛନ୍ତି। ଗତ ୩ ତାରିଖରୁ ଆଧାର କେନ୍ଦ୍ର ବନ୍ଦ ରହିଛି।

## ତାର କାଟିଲେ, ଗଛ କାଢ଼ିଲେ

ଜିଲା ସଦର ମହକୁମାର ଖୋର୍ଦ୍ଧା ସହରରେ ରାସ୍ତା ସାରା ବିଦ୍ୟୁତ୍ ତାର ପଡି ରହିଛି। ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ଗଛ ଡାଳ ଓ ଅନ୍ୟ ଅବର୍ଜନା ଜମା ହୋଇରହିଛି। ଏଭଳିସ୍ଥଳେ ପ୍ରଶାସନ ସେଠାରେ ପହଞ୍ଚି ପାରିନାହିଁ। ଖୋର୍ଦ୍ଧା ସହରର ଗଡଖୋର୍ଦ୍ଧାରେ ୩ ଦିନ ଧରି ଗଛ, ତାର ପଡି ରହିବା କାରଣରୁ ଲୋକଙ୍କର ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। କେତେଜଣ ଯୁବକମାନେ ରବିବାର ବିଦ୍ୟୁତ୍ ତାର କାଟି ରାସ୍ତାକଡକୁ ପକାଇ ଦେଇଛନ୍ତି। ସେହିପରି ଗଛକାଟି ରାସ୍ତାରୁ ହଟାଇ ଦେଇଛନ୍ତି। କାର୍ଯ୍ୟ ଚାଲୁ ରହିଥିବାବେଳେ ଗଡଖୋର୍ଦ୍ଧାର ଆଲୋକ ସାହୁ କହିଥିଲେ, ସେମାନଙ୍କ ପାଖରେ ବିକଳ୍ପ କିଛି ନ ଥିବାରୁ ସେମାନେ ତାର କାଟିବା ସହ ଗଛ ସଫା କରିବାକୁ ବାଧ ହୋଇଛନ୍ତି ।



ଯୁବକମାନେ ରାସ୍ତାରୁ ତାର ହଟାଉଛନ୍ତି।

## ଡିବିରି ପାଇଁ କିରୋସିନ ନାହିଁ

ଅନ୍ଧାରରୁ ରକ୍ଷା ପାଇଁ ଲ୍ୟାମ୍ପ, ଲଣ୍ଠନ ଓ ଡିବରି କିଣିଲେ। ତେବେ କିରୋସିନ ମିଳୁନାହିଁ। କାର୍ଡଧାରୀଙ୍କୁ କେବଳ କିରୋସିନ ମିଳୁଛି। ହେଲେ ସେମାନଙ୍କ ପାଇଁ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି କୁହାଯାଇଛି। ଅପରପେକ୍ଷ ଜିଲା ଯୋଗାଣ ବିଭାଗର ସୂଚନା ଅନୁସାରେ ଜିଲା ପାଇଁ ଏପ୍ରିଲ ଓ ମେ ମାସ ପାଇଁ ୧୭ ଲକ୍ଷ ୮୮ ହଜାର କିଲୋଲିଟର କିରୋସିନ ଆବଶ୍ୟକ। ତେବେ ୭ ଲକ୍ଷ ୩୪ ହଜାର କିଲୋଲିଟର କିରୋସିନ ଆସିଛି। ଏଥିରେ ୬ ଲକ୍ଷ ୩୬ ହଜାର କିରୋସିନ ବଣ୍ଟନ ଶେଷ ହୋଇଛି। ଅନ୍ୟ ବକେୟା କିରୋସିନ ଶୀଘ୍ର ଶେଷ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ଗଣେଶ୍ୱର ଚୌଧୁରୀ କହିଛନ୍ତି।

## ଜିଲାପାଳ ଖପ୍ପା

ଫନୀ ଚାଲିଯିବା ପରେ ବିପନ୍ନ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ହେଲେ ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଖୋର୍ଦ୍ଧାକୁ ନ ଆସି ଭୁବନେଶ୍ୱରରେ ରହୁଛନ୍ତି। ସେଠାରେ ସମୀକ୍ଷା କରୁଛନ୍ତି ଖୋର୍ଦ୍ଧାର ସମସ୍ୟା। ଏପଟେ ଜିଲାପାଳଙ୍କ ସହ ଆଲୋଚନା କରୁନାହାନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧାର ଜଣେ ସହକାରୀ ଯନ୍ତ୍ରୀ ଫିଲ୍ଡରେ ଅଛି କହି ଠକୁଥିବା ଅଭିଯୋଗ ହୋଇଆସୁଛି। ଜିଲାପାଳଙ୍କ ପିଏ ଯାଇ ଡାକିବା ପରେ ମଧ୍ୟ କାମର ବାହାନା ଦେଖାଇ ନ ଆସିବା ଘଟଣାରେ ଜିଲାପାଳ କ୍ଷୁବ୍ଧ। ପୁଣି ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଡ୍ୟୁଟିକୁ ଅଣଦେଖା କରୁଥିବାରୁ ତାଙ୍କୁ ନିଲମ୍ବନ କରିବାକୁ ଜିଲାପାଳ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗର କେତେଜଣ କର୍ମଚାରୀ ଡ୍ୟୁଟି କରୁ ନ ଥିବାର ଅଭିଯୋଗ ପରେ ଜିଲାପାଳ ଅନୁରୂପ ବିରକ୍ତି ହୋଇଛନ୍ତି।



ରାସ୍ତାରେ ପଡିଥିବା ଆବର୍ଜନା।

## ନିର୍ବାଚନ ଚର୍ଚ୍ଚା ଲୁଚିଗଲା

ଫନୀର ପ୍ରଭାବ ନିର୍ବାଚନୀ ଚର୍ଚ୍ଚାକୁ ଶୀତଳଭଣ୍ଡାରକୁ ଫୋପାଡି ଦେଇଛି। ଏବେ ଜଳଖିଆ, ପାନ, ସେଲୁନରେ ଫନୀକୁ ନେଇ ଚର୍ଚ୍ଚା ଚାଲିଛି। ପାଣିପାଗ ବିଭାଗର ସତର୍କତା ସତ୍ତ୍ୱେ ଫନୀ ଯେ ଏତେ କ୍ଷତି କରିବ ବିଶ୍ୱାସ ହେଉ ନ ଥିଲା। କ୍ଷତିର ତାଣ୍ଡବ ପରେ ଲୋକେ ପାଞ୍ଜି ଓ ପାଣିପାଗର କଥା ମେନ ପକାଉଛନ୍ତି।

## ୫୦ରୁ ଉର୍ଦ୍ଧ୍ୱ ଡଙ୍ଗା କ୍ଷତିଗ୍ରସ୍ତ

**ବାଲୁଗାଁ,୫।୫(ଡି.ଏନ.ଏ.)**

ଫନୀ ପ୍ରଭାବରେ ଚିଲିକା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବହୁ ଘର ଓ ସ୍କୁଲ ଛାତ ଆଜ୍‌ବେଷ୍ଟସ୍ ଉଡ଼ିଯାଇଛି। ରାସ୍ତାପାର୍ଶ୍ୱରେ ଥିବା ଗଛ ଉପୁଡ଼ି ଯିବାରୁ ବିଭିନ୍ନ ଗ୍ରାମକୁ ଯାତାୟାତରେ ବ୍ୟାଘାତ ଉପୁଜିଛି। ଚିଲିକାରେ ଯାତ୍ରୀ ସେବା ଯୋଗାଇ ଆସୁଥିବା କାଳିଜାଈ ମୋଟର ବୋଟ୍ ଆସୋସିଏଶନର ୫୦ରୁ ଉର୍ଦ୍ଧ୍ୱ ଡ଼ଙ୍ଗା କ୍ଷତିଗ୍ରସ୍ତ ହୋଇଛି। ସମ୍ପୃକ୍ତ ଡ଼ଙ୍ଗା ମାଲିକଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ନିମନ୍ତେ ସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ସୂଚନାଯୋଗ୍ୟ ବାତ୍ୟା ପୂର୍ବରୁ ପ୍ରଶାସନ ପକ୍ଷରୁ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚିଲିକାରେ ଡ଼ଙ୍ଗା ଚଳାଚଳ ନିଷେଧ କରାଯାଇଥିଲା। ତଦନୁଯାୟୀ ଡ଼ଙ୍ଗା ମାଲିକମାନେ ଚିଲିକାକୁ ସଂଯୋଗ କରୁଥିବା ବିଭିନ୍ନ କେନାଲ ନାଳିରେ ଡ଼ଙ୍ଗାଗୁଡ଼ିକୁ ନେଇ ରଖିଥିଲେ । କିନ୍ତୁ ବାତ୍ୟା ବିଭୀଷିକାରୁ ଡ଼ଙ୍ଗାଗୁଡ଼ିକ ବର୍ତ୍ତିପାରି ନ ଥିଲା। ୪୫ରୁ ଉର୍ଦ୍ଧ୍ୱ ଡ଼ଙ୍ଗାର ପଟା, ହୁଡ୍, ପାଲ ଓ ଅନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଚିଲିକାକୁ ଭାତହାଣ୍ଡି ରୂପେ ମନେକରି ସେମାନେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ବର୍ତ୍ତମାନ ଡ଼ଙ୍ଗାଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଥିବାରୁ ତୁରନ୍ତ ମରାମତି କ୍ଷେତ୍ରରେ ସରକାରୀ ସହାୟତା ନିମନ୍ତେ ବୋଟ୍ ସଂଘ ପକ୍ଷରୁ ଦାବି ହୋଇଛି। ବାତ୍ୟା ସମୟରେ ଡଙ୍ଗା ଗୁଡିକ କିଭଳି ସୁରକ୍ଷିତ ରହିପାରିବ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଦାବି ହୋଇଛି। ଖବରଦାତା ସମ୍ମିଳନୀରେ ସଂଘ ସଭାପତି ଗନ୍ତେଇ ତରାଇ, ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ମତ୍ସ୍ୟଜୀବୀ ନେତା ମୁରଲୀଧର ବେହେରା, ଦେବେସ ପଣ୍ଡା, ଗୌତମ ପାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

■ ଜଟଣୀରେ ୧୫ ହଜାରରୁ ଉର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ

# ଖୋଲା ଆକାଶ ତଳେ ଲୋକେ



ଜଟଣୀ ଥାନା ଛକରେ ଥିବା ଏକ ଟେଲିଫୋନ୍ ଟାୱାର ଭାଙ୍ଗି ଘର ଉପରେ ପଡିଛି।

**ଜଟଣୀ, ୫।୫(ଡି.ଏନ.ଏ.)**

ବାତ୍ୟା ଫନୀ ପ୍ରଭାବରେ ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ସହର ଓ ଗ୍ରାମାଞ୍ଚଳରେ ବିଶେଷ କରି ଚାଳ, ଆଜବେଷ୍ଟସ ଘର ୧୫ ହଜାରରୁ ଉର୍ଦ୍ଧ୍ୱ ଭାଙ୍ଗି ଯାଇଛି। ଫଳରେ ବିପନ୍ନମାନେ ଖୋଲା ଆକାଶ ତଳେ ପଡିଛନ୍ତି। ଆଶ୍ରୟସ୍ଥଳୀ ରହିଥିବା ଲୋକେ ଆଉ ଘରକୁ ଫେରି ପାରୁନାହାନ୍ତି। ଏହାଛଡା ଆଶ୍ରୟସ୍ଥଳୀଗୁଡିକରେ ଅବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ବିଦ୍ୟୁତ୍, ଜଳ ଯୋଗାଣ, ଟେଲିଫୋନ, ଇଣ୍ଟରନେଟ ସେବା ସମ୍ପୂର୍ଣ୍ଣ ଠପ ହୋଇପଡିଛି। ଶତାଧିକ ସଂଖ୍ୟାରେ ବିଦ୍ୟୁତ୍ ଖୁଣ୍ଟି ଉପୁଡି ପଡିଛି। ଆଉ କେଉଁଠି ମୋଡି ହୋଇ ମାଟି ଛୁଇଁଛି। ରାତିର ଅନ୍ଧାର ମଧ୍ୟରେ ବିପନ୍ନ ଲୋକେ କାଳାତିପାତ କରୁଛନ୍ତି। ଗଛ ପଡି ପ୍ରାୟ ଅଧିକାଂଶ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି। ତେବେ ଏନ୍‌ଡିଆରଏଫ ଓ ଅଗ୍ନିଶମ ବିଭାଗ କର୍ମଚାରୀ ରବିବାର ସକାଳୁ ଗଛ କାଟି କେତେକ ରାସ୍ତାରେ ଯାତାୟାତ ସ୍ୱାଭାବିକ କରିଛନ୍ତି। ସ୍ଥାନୀୟ ଥାନା ଛକରେ ଏକ ଘରୋଇ ସଂସ୍ଥାର ଥିବା ଟାୱାର ମୂଳରୁ ଭାଙ୍ଗି ନିକଟରେ ଥିବା ଏକ ଦୁଇ ମହଲା କୋଠା ଘର ଓ ଟ୍ରକ ଉପରେ ପଡିରହିଛି। ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ରେଲୱେ ଅଞ୍ଚଳରେ ବହୁ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିବାରୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଏଠାରେ ଥିବା ରେଲୱେ ବିଦ୍ୟୁତ୍ ବିଭାଗର ଏକ ସବ୍ ଷ୍ଟେଶନ ଭାଙ୍ଗି ଯାଇଛି। କେନ୍ଦ୍ରୀୟ ଓ ରାଜ୍ୟ ପଣ୍ୟାଗାର ନିଗମ ଗୋଦାମର ଆଜବେଷ୍ଟସ ଉଡି ଯାଇଛି। ପାଣି ପଶି ମହଜୁଦ ଥିବା ଗହମ, ଚାଉଳ ନଷ୍ଟ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ତରାବୋଇ ଗ୍ରାମ ପାଟରାସାହିର ମହମ୍ମଦ କରିମ କୁହନ୍ତି, ବାତ୍ୟାର ୩ ଦିନ ପରେ ବି ଜଣେ କେହି ପ୍ରଶାସନିକ ଅଧିକାରୀ କି କର୍ମଚାରୀ ଆସି ନାହାନ୍ତି। ମୁଣ୍ଡ ଉପରେ ଛାଳ ଛପର ନ ଥିବା ବେଳେ ପେଟକୁ ଖାଇବାକୁ ନାହିଁ। କୂଅରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ଯାଇଥିବାରୁ ପିଇବାକୁ ପାଣି ମୁନ୍ଦେ ମିଳୁନାହିଁ। ଏ ପର୍ଯ୍ୟନ୍ତ ପଲିଥିନ ଓ ଛୋଟ ପିଲାଙ୍କ ପାଇଁ ଖାଦ୍ୟ ପହଞ୍ଚି ପାରିନାହିଁ। ବାତ୍ୟାର ପ୍ରଭାବ ଛୋଟରୁ ବଡ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ପଡିଛି। ଏବେବି ଦୋକାନ ବଜାର ବନ୍ଦ ରହିଛି। ଇଣ୍ଟରନେଟ କାମ କରୁ ନ ଥିବାରୁ ସମସ୍ତ ବ୍ୟାଙ୍କ ବନ୍ଦ ରହିଛି।